# ଆଦିବାସୀ ମେଳାର ତୃତୀୟ ସନ୍ଧ୍ୟା : ୨୮.୦୧.୨୦୧୦

୨ ୦ ୧ ୦ମସିହାର ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ତୃତୀୟ ସଂଧ୍ୟାରେ ମୁଖ୍ୟ ଅତିଥି ଥିଲେ ସମାଜର ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଥିଲେ ଗୁଣୁପୁର ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ରାମମୂର୍ତ୍ତି ମୁତିକା ଏବଂ ଅନ୍ୟତମ ଅତିଥି ଥିଲେ ସୁନ୍ଦରଗଡ଼ର ବିଧାୟକ ମାନ୍ୟବର ଶ୍ରୀଯୁକ୍ତ ଯୋଗେଶ କୁମାର ସିଂହ ।

ଭବ୍ୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିବା ସାଂସ୍କୃତିକ ସଂଧ୍ୟାରେ ଶ୍ରୀଯୁକ୍ତ ମିଶ୍ର ଅତ୍ୟନ୍ତ ଉପାଦେୟ ମନ୍ତବ୍ୟ ପ୍ରଦାନ କରି କହିଲେ ଯେ - ଆଦିବାସୀମାନେ ତଥାପି ମୁଖ୍ୟସ୍ରୋତରେ ସାମିଲ ନହେବା ପଛରେ ଭାବ ପ୍ରକାଶ ଓ ଆଦାନପ୍ରଦାନଗତ ବୈଷମ୍ୟ ହିଁ ଦାୟୀ ତେଣୁ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ଯଦି ପ୍ରାଥମିକ ଶିକ୍ଷା ସଂପୃକ୍ତ ଆଦିବାସୀ ଭାଷା ମାଧ୍ୟମରେ ହୋଇପାରିବ ତେବେ ତାହା ଶିକ୍ଷା କ୍ଷେତ୍ରରେ ଏକ ଅଭିନନ୍ଦନୀୟ ପଦକ୍ଷେପ ହେବ । ଏତତ୍‌ବ୍ୟତୀତ ଜିଲ୍ଲାର ପ୍ରତ୍ୟେକ ସଦର ମହକୁମାରେ ଏହି ଆଦିବାସୀ ମେଳାମାନ ଆୟୋଜିତ କରାଗଲେ ସେମାନଙ୍କର କଳା ଓ ସଂସ୍କୃତିର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ପ୍ରଚାରିତ ଓ ପ୍ରସାରିତ ହେବ ।

ଏହି ଉତ୍ସବର ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମୁତିକା କହିଲେ ଯେ - ଆଦିବାସୀମାନଙ୍କୁ ଆତ୍ମନିର୍ଭରଶୀଳ ଏବଂ ଉପାର୍ଜନକ୍ଷମ କରିବା ପାଇଁ ସେମାନଙ୍କୁ ମାଟ୍ରିକ୍ ପରେ ବୈଷୟିକ ଶିକ୍ଷା ପ୍ରଦାନ କରାଯିବା ଉଚିତ ଏବଂ ଏଭଳି କାର୍ଯ୍ୟକ୍ରମର ବହୁଳ ପ୍ରଚାର କରାଯାଇପାରିଲେ ତାହା ଦ୍ୱାରା ଆଦିବାସୀ ମାନଙ୍କର ବିକାଶ ସାଧିତ ହୋଇପାରିବ ।

ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ସଂପୃକ୍ତ ଆଦିବାସୀ ଭାଷାରେ ଶିକ୍ଷାଦାନ କରିବା ପାଇଁ ଯଥେଷ୍ଟ ସଂଖ୍ୟକ ପ୍ରଶିକ୍ଷିତ ଶିକ୍ଷକମାନଙ୍କ ନିଯୁକ୍ତି ହିଁ ଆଦିବାସୀମାନଙ୍କର ଶିକ୍ଷା କ୍ଷେତ୍ରରେ ଉନ୍ନତର କ୍ଷେତ୍ର ପ୍ରସ୍ତୁତ କରିପାରିବ ବୋଲି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଯୋଗେଶ କୁମାର ସିଂହ ମତପ୍ରକାଶ କରିଥିଲେ ।

ଆଜିର ସଂଧ୍ୟାରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚାଟିକୋଣା ଦ୍ୱାରା ପରିବେଷିତ ଡଙ୍ଗରିଆ କନ୍ଧ ନୃତ୍ୟ, ଆଇ.ଟି.ଡି.ଏ., ପାରଳାଖେମୁଣ୍ଡିଙ୍କ ଦ୍ୱାରା ପରିବେଷିତ ସଉରା ନୃତ୍ୟ, ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଜମାରଡ଼ିହିଙ୍କ ଦ୍ୱାରା ପରିବେଷିତ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଏହା ସହିତ ପ୍ରାୟୋଜିତ କାର୍ଯ୍ୟକ୍ରମ ଭାବରେ ନୂଆଦିଲ୍ଲୀର ଡି.ଏ.ଭି.ପି.ଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଏବଂ କିସ୍‌ର ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ଓ ଆଦିବାସୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା ।

ଏହା ସହିତ ମେଳାର ବିଭିନ୍ନ ସ୍ଥାନରେ ଆୟୋଜିତ ନୃତ୍ୟ, ସଂଗୀତ ଓ ବାଦ୍ୟଯନ୍ତ୍ରର ବ୍ୟବହାର ଏବଂ କଳାପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ପରିଷଦର ନିର୍ଦ୍ଦେଶକ ଏବଂ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟସଚିବ ପ୍ରଫେସର (ଡଃ) ଅଖିଳ ବିହାରୀ ଓତା ସ୍ୱାଗତ ସମ୍ଭାଷଣ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ମଧ୍ୟ ଅର୍ପଣ କରିଥିଲେ ।